Oriyamusic.com
[Promoting the music of Orissa]

# ଜଗନ୍ନାଥୀଆର ଶ୍ରୀମହାପ୍ରସାଦ

ଜଗନ୍ନାଥୀଆର ଶ୍ରୀମହାପ୍ରସାଦ ପାଗଳ କଲାରେ ଭାଇ
ସହିଲାନି ତର ହୋଇ ଆଗଭର ଶ୍ରୀକ୍ଷେତ୍ରେ ଆସିଲି ଧାଇଁ
ମୋତେ କାଳିଆ କଲାରେ ବାଇ --୨

ଦେଖିଲି ବସିଛି ଚକାଆଖିଆ ଯେତେ ଦେଖୁଥିଲେ ଲାଗୁଛି ନୂଆ
ଆଖି ଗଲା ଲାଖି ଆଖିରେ ତାର ଭୁଲିଗଲି ମୋର ଘର ସଂସାର
ମନ ହେଲା ତାର ସେବାରେ ଖଟନ୍ତି --୨
ଜଗତ ଜଞ୍ଜାଳ ଦୂରରେ ଥୋଇ
ମୋତେ କାଳିଆ କଲାରେ ବାଇ --୨

ଆନନ୍ଦ ବଜାରେ ହାଜର ହେଲି ମଜାରେ ଖାଇଲି ଅଭଡା ଡାଲି
ଖାଇ ସାରି ମୁଣ୍ଡେ ପୋଛିଲି ହାତ ସିଂହ ଦ୍ୱାରେ ଯାଇ ଗାଇଲି ଗୀତ
ସୁଖର ଦୁଃଖର ସାଥୀ ସିଏ ମୋର --୨
ତା ବିନା ମୋହର କେହିତ ନାହିଁ
ମୋତେ କାଳିଆ କଲାରେ ବାଇ
ଜଗନ୍ନାଥୀ ଆର ଶ୍ରୀମହାପ୍ରସାଦ ପାଗଳ କଲାରେ ଭାଇ
ସହିଲାନି ତର ହୋଇ ଆଗଭର ଶ୍ରୀକ୍ଷେତ୍ରେ ଆସିଲି ଧାଇଁ
ମୋତେ କାଳିଆ କଲାରେ ବାଇ --୨

-----------------

*ସୌଜନ୍ୟ - ଶ୍ରୀମତୀ ନମିତା ସାହୁ, ଅଷ୍ଟ୍ରେଲିଆ*

WWW.ORIYAMUSIC.COM